OFFICE OF THEPANCHAYAT
SAMITI PAIKMAL, ODISHA

ପଞ୍ଚାୟତ ସମିତି କାର୍ଯ୍ୟାଳୟ
ପାଇକମାଲ, ଓଡ଼ିଶା

Ph/FAX No.-................................(Office), PIN-768050, E-Mail: ori--paikmal@nic.in

ବିଜ୍ଞାପନ ସଂଖ୍ୟା ୬୩ ତାରିଖ. ୧୦.୦୧.୨୦୧୯

# ବିଜ୍ଞାପନ

ଏତଦ୍ୱାରା ପାଇକମାଲ ପଞ୍ଚାୟତ ସମିତି ଅନ୍ତର୍ଗତ ଲଖମରା ଓ ପଲସଦା ଗ୍ରାମପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଂଖ୍ୟା-୭୦୪୦, ତା.୨୧.୦୪.୨୦୧୨ ମତେ ପ୍ରତ୍ୟେକ ଗ୍ରାମପଞ୍ଚାୟତ ପାଇଁ ଜଣେ ଲେଖାଏଁ ଯୋଗାଣ ସହାୟକ ନିଯୋଜିତ କରାଯିବ । ଏହି ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥିମାନେ ପରପୃଷ୍ଠାରେ ଦିଆଯାଇଥିବା ଆବେଦନ ପତ୍ର ମୁତାବକ ୨ଟି ପାସପୋର୍ଟ ଫଟୋ ସଂଲଗ୍ନ କରି ଆସନ୍ତା ତା.୩୧.୦୧.୨୦୧୯ ସୁଦ୍ଧା ପ୍ରାର୍ଥି କେବଳ ରେଜିଷ୍ଟ୍ରିପୋଷ୍ଟ (Registered Post)/ବା ସ୍ପିଡପୋଷ୍ଟ (Speed Post) ଦ୍ୱାରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପାଇକମାଲକୁ ଆବେଦନ କରିପାରିବେ । ଲଫାପା ଉପରେ "ଯୋଗାଣ ସହାୟକ ପାଇଁ ଆବେଦନ ପତ୍ର" ବୋଲି ଉଲ୍ଲେଖ କରିବେ । କୌଣସି ଆବେଦନ ପତ୍ର ଶେଷ ତାରିଖ ପରେ ଆଉ ଗ୍ରହଣ କରାଯିବ ନାହିଁ ।

<u>ଆବେଦନ କରିଥିବା ପ୍ରାର୍ଥି ମାନଙ୍କୁ ନିମ୍ନ ସର୍ତାବଳୀ ଅନୁସାରେ ଚୟନ କରାଯାଇ ନିଯୁକ୍ତି କରାଯିବ ।</u>

୧- ପ୍ରାର୍ଥି ସଂପୃକ୍ତ ଗ୍ରାମପଞ୍ଚାୟତ ଅଂଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।(ଏ ବାବଦକୁ କ୍ଷମତା ସମ୍ପନ୍ନ ଅଧିକାରୀଙ୍କ ଠାରୁ ସଦ୍ୟ ବାସିନ୍ଦା ପ୍ରମାଣ ପତ୍ର ସଂଲଗ୍ନ କରିବେ)
୨- ପ୍ରାର୍ଥି ଅତିକମରେ ସ୍ନାତକ (+୩) ପରୀକ୍ଷାରେ ଉତିର୍ଣ୍ଣ ହୋଇଥିବେ ।
୩- ପ୍ରାର୍ଥି ମାନଙ୍କ ବୟସ ତା. ୧୦.୦୧.୨୦୧୯ ସୁଦ୍ଧା ୨୧ ବର୍ଷରୁ କମ ୩୫ ବର୍ଷରୁ ଉର୍ଦ୍ଧ ହୋଇନଥିବା ଆବଶ୍ୟକ ।
୪- ମନୋନୀତ ପ୍ରାର୍ଥି ସଂପୃକ୍ତ ଗ୍ରାମପଞ୍ଚାୟତ ଦ୍ୱାରା ନିର୍ଦ୍ଧାରିତ ମାସିକ ପାରିଶ୍ରମିକ(ଟ.୬୦୦୦/-) ତାଙ୍କର କାର୍ଯ୍ୟ ପାଇଁ ପାଇବେ ।
୫- ଯୋଗାଣ ସହାୟକ ନିଯୁକ୍ତି ପ୍ରାର୍ଥିଙ୍କ ପାଇଁ ଏକ ନିୟମିତ ନିଯୁକ୍ତିର କୌଣସି ଅଧିକାର ରଖାଯାଇ ନାହିଁ ଏବଂ ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯେ କୌଣସି ମୁହୂର୍ତ୍ତରେ ଉକ୍ତ ନିଯୋଜନକୁ ରଦ୍ଦ କରିପାରନ୍ତି । ଏଥିପାଇଁ ନିଯୋଜିତ ବ୍ୟକ୍ତିଙ୍କ ପାଇଁ ଆଇନଗତ ବା ଅଦାଲତର ବ୍ୟବସ୍ଥାକୁ ବର୍ତମାନ କିମ୍ୱା ଭବିଷ୍ୟତରେ ବିଚାରକୁ ନିଆଯିବ ନାହିଁ ।
୬- ନିଯୋଜିତ ଯୋଗାଣ ସହାୟକ ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି ବିଭାଗର ସଂପୃକ୍ତ କାର୍ଯ୍ୟାବଳୀ ସମ୍ବନ୍ଧିୟ ଆଇନ କାନୁନକୁ ବାଧ୍ୟତା ମୂଳକ ଭାବେ ମାନି ଚଳିବେ ।
୭- ପରିକ୍ଷାର୍ଥିଙ୍କ ମାଟ୍ରିକ୍ୟୁଲେସନ(ଦଶମ), ଯୁକ୍ତଦୁଇ(+୨) ଓ ଯୁକ୍ତତିନି(+୩) ପରୀକ୍ଷାରେ ଲବ୍ଧ ମାର୍କର ଶତକଡା ହାରକୁ ନେଇ ଅଗ୍ରାଧିକାର କ୍ରମ ତାଲିକା ତିଆରି କରାଯିବ ଏବଂ ତହିରୁ ପ୍ରଥମ ସ୍ଥାନିତ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯିବ । ଲବ୍ଧ ମାର୍କର ଶତକଡା ୩୦ପ୍ରତିଶତ(ଦଶମ), ୩୦ପ୍ରତିଶତ(+୨), ଓ ୪୦ପ୍ରତିଶତ(+୩) Career weightageକୁ ବିଚାରକୁ ନିଆଯିବ ।
୮- ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ପ୍ରାର୍ଥିଙ୍କ ଆବେଦନ ପତ୍ର କିମ୍ୱା ତାଙ୍କର ଚୟନ ପ୍ରକ୍ରିଆ ଓ ନିଯୋଜନକୁ ବିନାସର୍ତରେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିବା କ୍ଷମତା ନ୍ୟସ୍ତ ରହିଛି ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଇକମାଲ

ପରିପତ୍ର ସଂଖ୍ୟା...୬୪........ ତା....୧୦.୦୧.୨୦୧୯.......
ଏହାର ଏକକିତା ନକଲ ପଞ୍ଚାୟତ ସମିତି ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଇକମାଲ

ପରିପତ୍ର ସଂଖ୍ୟା...୬୫........ ତା....୧୦.୦୧.୨୦୧୯.......
ଏହାର ଏକକିତା ନକଲ ଉପରୋକ୍ତ ସରପଂଚ / ଅଧକ୍ଷ ପଞ୍ଚାୟତ ସମିତି, ପାଇକମାଲଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଇକମାଲ

ପରିପତ୍ର ସଂଖ୍ୟା...୬୬........ ତା....୧୦.୦୧.୨୦୧୯.......
ଏହାର ଏକକିତା ନକଲ ଜିଲ୍ଲାପାଳ ବରଗଡ,/ ଉପ-ଜିଲ୍ଲାପାଳ ପଦମପୁର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଇକମାଲ

ପରିପତ୍ର ସଂଖ୍ୟା...୬୭........ ତା....୧୦.୦୧.୨୦୧୯.......
ଏହାର ଏକକିତା ନକଲ www.bargarh.nic.in ୱେବସାଇଟ କୁ ନିଯୁକ୍ତି ବିଜ୍ଞାପନ ପାଇଁ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଇକମାଲ